# ଈଶ୍ୱର ଆମ ଦେଶକୁ କାହିଁକି ସୁସ୍ଥ କରିବେ ?

ଲେଖକ: ରେଭଂ ଜଏସନ କେଂ ସିଂ
ଅନୁବାଦକ: ରେଭଂ ଡଂ ସୁଶାନ୍ତ କୁମାର
ମଇ ୨୦୨୦

ଆମ ଜାତୀୟ ସଙ୍ଗୀତ ଗାଇବାକୁ ଆମେ ଭଲ ପାଉଁ ଏବଂ ଏଥିରେ ଆମେ ଗର୍ବ କରିଥାଉ । ମୁଁ ଯେତେବେଳେ ଏହା ଶୁଣେ ମୋର ହୃଦୟ ମହା ଆନନ୍ଦରେ ଉଛୁଳି ଉଠେ । ଏହା ଭାରତର ଜଣେ ବିଖ୍ୟାତ ସାହିତ୍ୱିକ ଶ୍ରୀ ରବୀନ୍ଦ୍ରନାଥ ଟାଗୋର ଙ୍କ ଦ୍ୱାରା ଲିଖିତ ଅଟେ । ମୁଁ ଏହାର କିଛି ପଂକ୍ତି ଉଲ୍ଲେଖ କରିବି ଓ ଏହାର ଅର୍ଥ ସ୍ମରଣ କରେଇବି :

ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ତୁମେ ଲୋକମାନଙ୍କ ମନର ଶାସକ, ବିଜଯ ତୁମର ହେଉ ଭାଗ୍ୟ ନିର୍ଦ୍ଧାରକ ଭାରତ

ତବ ଶୁଭ ନାମେ ଜାଗେ
ତବ  ଶୁଭ ଆଶିଷ ମାଗେ
ଗାଏ ତବ ଜୟ ଗାଥା

ତୁମର ଶୁଭ ନାମ ଶୁଣି ଜାଗି ଉଠେ ଏବଂ ତୁମର ଆଶିଷ ପ୍ରାର୍ଥନା କରେ; ତୁମ ହସ୍ତରେ ସମସ୍ତ ଲୋକଙ୍କ ଉଦ୍ଧାର ରହିଅଛି ।

ଜନ-ଗଣ-ମଙ୍ଗଳ-ଦାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା

ତୁମେ ଲୋକମାନଙ୍କର ମଙ୍ଗଳ ଦାତା, ଭାଗ୍ୟ ନିର୍ଦ୍ଧାରକ ଭାରତ

ଆମେ ଖ୍ରୀଷ୍ଟିୟାନ ମାନେ ଠିକ ଏହାହିଁ ଭାରତ ନିମନ୍ତେ ପ୍ରାର୍ଥନା କରିଥାଉ ।  ବିଶ୍ୱର ଶାସକ ଯିଏ ଭାରତର ଭାଗ୍ୟ ନିର୍ଦ୍ଧାରକ , ତାଙ୍କ ନିକଟରେ ପ୍ରାର୍ଥନା କରିଥାଉ । ଭାରତ ପ୍ରତି ଈଶ୍ବରଙ୍କ ଆଶୀର୍ବାଦ ନିମନ୍ତେ ପ୍ରାର୍ଥନା କରିଥାଉ। ଖ୍ରୀଷ୍ଟ ଯେପରି ଲୋକ ମାନଙ୍କୁ ଉଦ୍ଧାର କରିବେ ଆମେ ତାହା ପ୍ରାର୍ଥନା କରିଥାଉ । ଆମେ ପ୍ରାର୍ଥନା କରିଥାଉ ଯେପରି ଈଶ୍ୱର ଆମ ଦେଶକୁ ସୁରକ୍ଷିତ ରଖିବେ କାରଣ ସେ ଆମ ପ୍ରିୟ ଦେଶ ର ଭାଗ୍ୟ ନିର୍ଦ୍ଧାରକ ଅଟନ୍ତି।

କିନ୍ତୁ ଈଶ୍ୱର ଆମ ପ୍ରାର୍ଥନା ଶୁଣିବେକି ? ଆମ ଜାତି ଅନ୍ୟ ଜାତି ଠାରୁ ଶ୍ରେଷ୍ଠ ଅଟନ୍ତି କି? ଅନ୍ୟ ମାନଙ୍କ ଠାରୁ ଆମର ଅଧିକ ଉଚ୍ଚ ଜ୍ଞାନ କୌଶଳ ଅଛି କି? ଆମେ ଅନ୍ୟ ମାନଙ୍କ ଠାରୁ ଅଧିକ ନୈତିକ ସମ୍ପର୍ନ ଅଟୁ କି?

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏହି ପ୍ରଶ୍ନ ଗୁଡିକୁ ଡଂ ପିଟର ମାର୍ଶାଲ ତାଙ୍କ ପ୍ରଚାରରେ ଆମେରିକୀୟ ମାନଙ୍କୁ ପଚାରିଥିଲେ, "ଈଶ୍ୱର କାହିଁକି ଆମେରିକାକୁ ଆଶୀର୍ବାଦ କରିବେ?

ଆମେ କୌଣସି ଯୁଦ୍ଧର ସମ୍ମୁଖୀନ ହେଉ ନାହୁଁ ମାତ୍ର ଆମେ ବିଶ୍ୱବ୍ୟାପି ଏକ ରୋଗର ସମ୍ମୁଖୀନ ହେଉ ଅଛୁ ଯାହା ଦ୍ୱିତୀୟ ବିଶ୍ୱଯୁଦ୍ଧ ଅପେକ୍ଷା ଅଧିକ ଦେଶ ଓ ଲୋକମାନଙ୍କୁ ଆକ୍ରାନ୍ତ କରୁଅଛି । ସେହି ପ୍ରଶ୍ନ ଗୁଡିକ ଆଜି ଭାରତର ମଣ୍ଡଳୀ ଗୁଡିକ ନିମନ୍ତ ପ୍ରାସଙ୍ଗିକ ଅଟେ। ଅବଶ୍ୟ ତାହା ଯେ କୌଣସି ଦେଶ ନିମନ୍ତେ ପ୍ରାସଙ୍ଗିକ ଅଟେ।

ମୁଁ ନିମ୍ନଲିଖିତ ଚିନ୍ତା ଧାରା ନିମନ୍ତେ ଡଂ ପିଟର ମାର୍ଶାଲ ଙ୍କ ଠାରେ ଋଣୀ ଅଟେ।

ଈଶ୍ବର ଆମର ପ୍ରାର୍ଥନା କାହିଁକି ଶୁଣିବେ? ଈଶ୍ୱର ଆମର କ୍ରନ୍ଦନର ଉତ୍ତର କାହିଁକି ଦେବେ? ଈଶ୍ୱର କାହିଁକି ଭାରତ ପ୍ରତି ଦୟା ଦୃଷ୍ଟି କରିବେ? ଈଶ୍ୱର କାହିଁକି ଆମ ଦେଶକୁ ସୁସ୍ଥ କରିବେ? କିମ୍ବା ଆମର ଗର୍ବ କଣ ଆମକୁ ଚିନ୍ତା କରେଇବାକୁ ଆରମ୍ଭ କରିଛି କି ଯେ, ଆମ ଦେଶ ଈଶ୍ୱରଙ୍କ ସୁସ୍ଥତା ପାଇବା ପାଇଁ ଯୋଗ୍ୟ ଅଟେ ।

ଆସୁ ଆମର ଧ୍ୟାନ ୨ ୟ ବଂଶାବଳି ୭:୧୪ ପ୍ରତି ନେବା, "ଯେବେ ଆମ୍ଭ ନାମରେ ବିଖ୍ୟାତ ଆମ୍ଭ ଲୋକମାନେ ଆପଣା ମାନଙ୍କୁ ନାମର କରି ପ୍ରାରହନା କରିବେ ଓ ଆମ୍ଭର ମୁଖ ଅନ୍ୱେଷଣ

କରି ଆପଣା ଆପଣା କୁପଥରୁ ଫେରିବେ, ତେବେ ଆମ୍ଭେ ସ୍ଵର୍ଗରୁ ଶୁଣିବା ଓ ସେମାନଙ୍କର ପାପ କ୍ଷମା କରିବା ଓ ସେମାନଙ୍କ ଦେଶ ସୁସ୍ଥ କରିବା ।"

ଆଜି ଏହି ଶାସ୍ତ୍ର ବୋଧହୁଏ ଆମ ଦେଶର ଲୋକମାନଙ୍କ ସମ୍ମୁଖକୁ ଆଣିବା ପାଇଁ ବିଶେଷ ଗୁରୁତ୍ୱପୂର୍ଣ ଶାସ୍ତ୍ର ମାନଙ୍କରୁ ଏକ ଅଟେ । ନିର୍ଭୁଲ ଭାବେ,- ଏହି ଆହ୍ଵାନ ଆଞ୍ଚଳିକ ନିଷ୍ଠା ନିର୍ବିଶେଷରେ ଭାରତର ସମସ୍ତଙ୍କ ନିମନ୍ତେ କାରଣ ଆମେ ଗାଇଥାଉ:

ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ-ଉତ୍କଳ-ବଙ୍ଗ
ବିନ୍ଧ୍ୟ -ହିମାଚଳ-ଯମୁନା-ଗଙ୍ଗା

ପଞ୍ଜାବ, ସିନ୍ଧୁ, ଗୁଜୁରାଟ, ମରାଠି, ଦ୍ରାବିଡ, ଓଡିଶା, ବଙ୍ଗ । ବିନ୍ଧ୍ୟ ଓ ହିମାଳୟ ପର୍ବତ ଗୁଡିକରେ ପ୍ରତିଧ୍ୱନି ହେଉଅଛି ପୁଣି ଯମୁନା ଓ ଗଙ୍ଗା ରେ ସଂଗୀତ ମିଳାଇ ଯାଉଅଛି ।

ଏହି ଆହ୍ଵାନ ଧର୍ମ ବିଶ୍ୱାସ ନିର୍ବିଶେଷରେ ସମସ୍ତଙ୍କ ନିମନ୍ତେ କାରଣ ସମସ୍ତେ ଈଶ୍ବରଙ୍କ ଦ୍ଵାରା ସୃଷ୍ଟ – ହିନ୍ଦୁ ଓ ମୁସଲମାନ, ବୌଦ୍ଧ ଓ ଜୈନ , ଶିଖ ଓ ଜୋରାଷ୍ଟ୍ର ଏବଂ ଏପରିକି ନାସ୍ତିକ- ସମସ୍ତେ ଈଶ୍ବରଙ୍କ ସୃଷ୍ଟ ଏବଂ ସେଥିପାଇଁ ଈଶ୍ବରଙ୍କ ଅଟନ୍ତି । ମଧ ଏହି ଆହ୍ଵାନ ସବୁଠାରୁ ଅଧିକ ସେହି ଭାରତୀୟ ଖ୍ରୀଷ୍ଟିୟାନ ମାନଙ୍କ ନିମନ୍ତେ ପ୍ରୟୋଗ ଯୋଗ୍ୟ ଯେଉଁମାନେ ଖ୍ରୀଷ୍ଟଙ୍କ ନାମରେ ଆହୁତ ।

କିନ୍ତୁ ଆମ ଦେଶର ସୁସ୍ଥତା ନିମନ୍ତେ ଚାରୋଟି ସର୍ତ୍ତ ଦେଖିବା ପୂର୍ବରୁ ଆମେ ଏହି ବର୍ତମାନ ପରିସ୍ଥିତିକୁ ଈଶ୍ଵରଙ୍କ ବିଚାର ବୋଲି ଅଭିହିତ କରିବାକୁ ଚଞ୍ଚକତା ନ କରୁ । ସେହି ପ୍ରକାର ଚିନ୍ତାଧାରା କେବଳ ଅପରିପକ୍ୱତା ନୁହେଁ ମାତ୍ର ହାନିକାରକ ମଧ । ଆମେ ଈଶ୍ଵରଙ୍କ ସୁସ୍ଥତା ଅନ୍ୱେଷଣ କରିବାର କାରଣ ଯେ, ଯେହେତୁ ଆମେ ଜାନୁଜେ ଆମେ ଦୁର୍ବଳ ଓ ସୀମିତ, ଈଶ୍ଵର ସର୍ବଶକ୍ତିମାନ ଓ ସେ ସୁସ୍ଥତା ଆଣିପାରିବେ ଯାହା ଆମେ କରି ପାରିବା ନାହି ।

ବର୍ତମାନ ଆମେ ଚାରୋଟି ସର୍ତ୍ତ କୁ ଦେଖିବା:

ପ୍ରଥମ ସର୍ତ୍ତ ହେଉଛି ନିଜକୁ ନାମର କରିବା

ବର୍ତମାନ ମଣିଷ ଅଦ୍ୱିତୀୟ ସଫଳତାର ଯୁଗରେ ବାସ କରେ । ଏହା ସ୍ଵ ନିର୍ମିତ ପୁରୁଷ ଓ ମହିଳାଙ୍କ ଯୁଗ । ଆମେ ଆମର ଲକ୍ଷ୍ୟ ସାଧନ ଓ ସଫଳତାରେ ମାତାଲ ହୋଇଛୁ । ନମ୍ରତା ଓ କୃତଜ୍ଞତା ଆମର ନିକଟବର୍ତ୍ତୀ ହୁଏ ନାହି । କିନ୍ତୁ ଆମେ ଯଦି ଈଶ୍ଵର ଆମ ଦେଶକୁ ସୁସ୍ଥ କରନ୍ତୁ ବୋଲି ଚାହୁଁ, ପ୍ରଥମ ସର୍ତ୍ତ ହେଉଛି ଆମେ ନିଜକୁ ନାମର କରିବା । ଗର୍ବ ଆମର ଦୋଷ ଢାଙ୍କି ଦିଏ ସେଥିପାଇଁ ଏହା ପତନର ନିଶ୍ଚିତ ପଥ ଅଟେ । ନମ୍ରତା ଆମ ବିଷୟକ ସତ୍ୟତାକୁ ପ୍ରକାଶ କରେ, ସେଥିପାଇଁ ଏହା ବୃଦ୍ଧି ନିମନ୍ତେ ନିଶ୍ଚିତ ପଥ ଅଟେ ।

ଏଫଂ ବିଂ ମେୟର ଏକଦା କହିଥିଲେ, "ମୁଁ ଚିନ୍ତା କରୁଥିଲି ଯେ ଈଶ୍ଵରଙ୍କ ଦାନ ଗୁଡିକ ଥାକରେ ଗୋଟିଏ ଉପରେ ଗୋଟିଏ ରହିଥିଲା । ଆଉ ଆମେ ଖ୍ରୀଷ୍ଟୀୟ ସ୍ଵଭାବରେ ଯେତେ ଉଦ୍ଧଗାମୀ , ତାହା ପାଇବାକୁ ଆମକୁ ସେତେ ସହଜ ହେଲା । ବର୍ତମାନ ମୁଁ ଜାଣିବାକୁ ପାଇଲି ଯେ ଈଶ୍ଵରଙ୍କ ଦାନ ଗୁଡିକ ଥାକରେ ଗୋଟିକ ତଳେ ଆଉ ଗୋଟିଏ ରହିଅଛି । ଏହା ଉପରକୁ ବୃଦ୍ଧି ପାଇବାର ବିଷୟ ନୁହେଁ ମାତ୍ର ନିମ୍ନ କୁ ନତ ହେବା ; ଆମକୁ ନିମ୍ନକୁ ଯିବାକୁ ହେବ, ତାହାଙ୍କ ସର୍ବୋତ୍ତମ ଦାନ ପାଇବା ପାଇଁ ସବୁବେଳେ ନିମ୍ନକୁ ଯିବାକୁ ହେବ ।

ନମ୍ରତା ଜଣଙ୍କର ତୁଚ୍ଛତା ନୁହେଁ କିନ୍ତୁ ଏହା ଈଶ୍ଵରଙ୍କ ଠାରେ ସମ୍ପୂର୍ଣ ସମର୍ପଣ- ଆମ ଜୀବନର ପ୍ରଭୁ ସ୍ଵରୂପେ । ଆମେ ଯେତେବେଳେ ନିଜକୁ ନାମର କରୁ, ଆମ ପରିସ୍ଥିତି ସହ କାର୍ଯ୍ୟ କରିବା ପାଇ ଈଶ୍ଵରଙ୍କ କ୍ଷମତା ଉପରେ ବିଶ୍ଵାସକୁ ସ୍ଵୀକାର କରୁଛୁ । ଯେହେତୁ ଶାସ୍ତ୍ର ପ୍ରତିଜ୍ଞା କରେ, " ପ୍ରଭୁଙ୍କ ଛାମୁରେ ଆପଣା ଆପଣାକୁ ନତ କର ତାହାହେଲେ ସେ ତୁମ୍ଭ ମାନଙ୍କୁ ଉନ୍ନତ କରିବେ । " ଯାକୁବ ୪:୧୦

ଦ୍ୱିତୀୟ ସର୍ତ୍ତ- ଈଶ୍ୱରଙ୍କ ଲୋକମାନେ ନିଶ୍ଚିତ ପ୍ରାର୍ଥନା କରିବେ

ଈଶ୍ୱର ପ୍ରାର୍ଥନାରୁ ଅଧିକ ଦୂରରେ କେବେହେଲେ ନାହାନ୍ତି । କିନ୍ତୁ ଆମ ସମୟର ଦୁଃଖର ବିଷୟ ଅଣଉତ୍ତର ପ୍ରାର୍ଥନା ନୁହେଁ ବରଂ ଅନଉଶୀର୍ଗୀକୃତ ପ୍ରାର୍ଥନା । ଆମେ ପ୍ରାର୍ଥନା ବ୍ୟତୀତ ଆହୁରି ଅନେକ କାର୍ଯ୍ୟ କରିବାକୁ ସମର୍ଥ । ଆମ ମଧ୍ୟରୁ ଅନେକେ ପ୍ରାର୍ଥନା କରିବା ଇଚ୍ଛାକୁ ହରେଇଛୁ । ଆମେ ଯଦି ଅନୁଭବ କରୁଛୁଜେ , ମଣ୍ଡଳୀ ପୂର୍ବପରି ସମାଜ ଉପରେ ପ୍ରଭାବଶାଳୀ ନୁହେଁ, ଏହାର କାରଣ ମଣ୍ଡଳୀ ପ୍ରାର୍ଥନାରୁ ନିବୃତ୍ତ ହୋଇଅଛି ।

ତଥାପି, ଯଦି ଆମେ ନିଜ ଆଣ୍ଠୁରେ ଭରା ଦେବା, ଆମେ ପ୍ରାର୍ଥନା କରିବାକୁ ଉପଯୁକ୍ତ ସ୍ଥିତିରେ ଅଛୁ ବୋଲି ଜାଣିବା । ଆମ ଆଣ୍ଠୁ ଭାଙ୍ଗିବା, ଯତ୍ନ ନେବା ବୋଝରେ ଭାଙ୍ଗି ପଡିବାରୁ ରକ୍ଷା କରେ । ପ୍ରାର୍ଥନା ଦୁର୍ବଳ ବ୍ୟକ୍ତିକୁ ବଳ ଓ ଭୟାଳୁକୁ ସାହାସ ପ୍ରଦାନ କରେ । ଯେହେତୁ ଉଦବିଘନତା ସମସ୍ୟାକୁ ବଢାଏ କିନ୍ତୁ ପ୍ରାର୍ଥନା ଈଶ୍ୱରଙ୍କ ଗୌରବ କରେ ।

ଅନ୍ୟଦିନ ଅପେକ୍ଷା ଏହି ଦିନ ଗୁଡିକରେ ପ୍ରାର୍ଥନା କରିବା ପାଇଁ ଅଧିକ ଯୋଗ୍ୟ ହୋଇଛୁ କାରଣ ଆମେ ଅସମର୍ଥ ଅବସ୍ଥାରେ ଅଛୁ । ପ୍ରାର୍ଥନା ଈଶ୍ୱରଙ୍କ ସମସ୍ତ ଆଶୀର୍ବାଦର ଉତ୍ସ ରୂପେ ଗ୍ରହଣ କରିବା ଅଟେ । ଏହା ତାହାଙ୍କ ଉପରେ ନିର୍ଭରତା ଘୋଷଣା ଅଟେ । ଜଣେ କହିଛନ୍ତି – ଯେତେବେଳେ ଆମେ କାର୍ଯ୍ୟ କରୁ, ଆମେ ନିଜେ କାର୍ଯ୍ୟ କରୁ; କିନ୍ତୁ ଆମେ ଯେତେବେଳେ ପ୍ରାର୍ଥନା କରୁ, ଈଶ୍ୱର କାର୍ଯ୍ୟ କରନ୍ତି । ଯଦି ଆମେ ନିଜ ଆଣ୍ଠୁରେ ବସିବା , ଆମେ ନିଜ ଗୋଡରେ ଛିଡା ହେବା ।

ତୃତୀୟ ସର୍ତ୍ତ- ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରିବା:-

ଏହାର ଅର୍ଥ ହେଉଛି ଈଶ୍ୱରଙ୍କ ନିକଟକୁ ଫେରିବା, ତାହାଙ୍କ ନିର୍ଦ୍ଦେଶନା ପ୍ରତି ଫେରିବା । ଆମ ଦେଶ ତାଲାବନ୍ଦୀ ଅବସ୍ଥାରେ ଏବଂ ଆମେ ସାମାଜିକ ଦୂରତ୍ୱକୁ ଅନୁପାଳନ କରୁଅଛୁ । କିନ୍ତୁ ଈଶ୍ୱରଙ୍କ ଅନ୍ୱେଷଣ କରିବାକୁ ଆମକୁ କୁଆଡେ କାହା ନିକଟକୁ ଯିବା ଆବଶ୍ୟକତା ନାହି । ଈଶ୍ୱର ଆମ ନିକଟରେ କିନ୍ତୁ ତଥାପି ଆମେ ଅନ୍ୟ ବିଷୟ ସବୁରେ ମନଯୋଗୀ ଥିବାରୁ ତାଙ୍କ ବିଷୟରେ ଅଜ୍ଞ ଅଟୁ । ଏହିପରି ସମୟ ଈଶ୍ୱରଙ୍କ ଲୋକ ମାନଙ୍କ ନିମନ୍ତେ ଜୀବନର ଅନ୍ୟ ବିଷୟ ଗୁଡିକ ପ୍ରତି ସାହାର୍ଯ୍ୟ ଓ ଉଦ୍ଦେଶ୍ୟ ନିମନ୍ତେ ଖୋଜିବା ବନ୍ଦ କରିବାର ଆହ୍ୱାନର ସଙ୍କେତ ଅଟେ ।

ଈଶ୍ୱର ଆମର ପରମ ବୈଦ୍ୟ, ବାଇବଲ ଏହା ପ୍ରକାଶ କରେ (ଯାତ୍ରା ୧୫:୨୬) । ପ୍ରତୀକ୍ଷା କୋଠରୀରେ ଛିଡା ହୋଇ ରହିଲେ ସୁସ୍ଥତା ଆସେ ନାହି, ସୁସ୍ଥତା ନିମନ୍ତେ ଜଣକୁ ଡାକ୍ତରଙ୍କ ନିକଟକୁ ଯାଇ ଦେଖା କରିବାକୁ ହୁଏ । ଅନ୍ୱେଷଣ କରିବା, ଈଶ୍ୱରଙ୍କ ବିଷୟରେ ଜାଣିବା ଠାରୁ ଅଧିକ ଅଟେ । ଅନ୍ୱେଷଣ କରିବା ଈଶ୍ୱରଙ୍କୁ ଜାଣିବାର ଇଚ୍ଛା ଅଟେ । ଏହା ଆମ ଜୀବନରେ ଈଶ୍ୱରଙ୍କ ଇଚ୍ଛାକୁ ଜାଣିବାର ଏକ ପ୍ରଚେଷ୍ଟା ଅଟେ- ତାହାଙ୍କ ପରିଚାଳନା ଆମ ଆଚରଣ ନିମନ୍ତେ । ଏହା ଆମର ନୀତିଶିକ୍ଷା ନିମନ୍ତେ ଈଶ୍ୱରଙ୍କ ମାନଦଣ୍ଡ ଜାଣିବାର ପ୍ରୟାସ ଅଟେ । କିଛି ମାତ୍ରାରେ ଏହା ସତ୍ୟ ଯେ ଏହା ଆମେ ଜାଣୁ- ତେବେ ଆମେ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପବିତ୍ର ଆତ୍ମାଙ୍କ ଶକ୍ତି ନିଶ୍ଚିତ ଖୋଜିବା ।

ଆମେ ଯେତେବେଳେ ତାହାଙ୍କ ମୁଖ ଅନ୍ୱେଷଣ କରିବା , ଚନ୍ଦ୍ର ସୂର୍ଯାଲୋକକୁ କଳା ଆକାଶରେ ପ୍ରତିବିମ୍ବିତ କଲା ପରି ଆମେ ତାଙ୍କ ଆଲୋକକୁ ନିକ୍ଷେପ କରିବା । ତେବେ ଆମ ଦେଶ ନିମନ୍ତେ ଆଶୀର୍ବାଦ ସ୍ୱରୂପ ହେବା ଏବଂ ଆମ ଦେଶ ବିଶ୍ୱର ଲୋକମାନଙ୍କ ନିମନ୍ତେ ଆଶୀର୍ବାଦ ସ୍ୱରୂପ ହେବ ।

ଚତୁର୍ଥ ସର୍ତ୍ତ- ଆମେ କୁପଥରୁ ଫେରିବା

ଏହି ଦିନ ଗୁଡିକରେ ଆମେ ସ୍ୱଛତା ବିଷୟରେ ସଚେତନ ହୋଇଆଛୁ । ଆମେ ହସ୍ତ ପ୍ରକ୍ଷାଳନ କରୁ, ଜୀବାଣୁ ନାଶକ ବ୍ୟବହାର କରୁ, ବସ୍ତୁ ଗୁଡିକୁ ଧୁଲେଇ କରୁ । ଆମେ ସଂକ୍ରମିତ ହେବାକୁ ଚାହିଁ ନ ଥାଉ ବା ବାହକ ହେବାକୁ ଇଚ୍ଛା କରି ନ ଥାଉ । କିନ୍ତୁ ଆମ ହୃଦୟର ସ୍ୱଚ୍ଛତା ବିଷୟରେ କଣ ଅଟେ ?

ଆମେ ଯଦି ପ୍ରଭୁ ଆମକୁ ତାହାଙ୍କ ସକ୍ଷମତା ଓ ଇଚ୍ଛାରେ ଆଶୀର୍ବାଦ କରନ୍ତୁ ବୋଲି ଚାହୁଁ ତେବେ ଆମକୁ ନିଜ ହ୍ରୁଦୟକୁ ପରୀକ୍ଷା କରିବାକୁ ଓ କୁକର୍ମରୁ ଫେରିବାକୁ ହେବ । ଆମ ଦେଶରେ କପଟତା ଓ ପାପକୁ ଜଣେ ଅନ୍ୟ ଜଣକୁ ହୃଦବୋଧ କରାଇବାର ଆବଶ୍ୟକତା ନାହିଁନ । ଜାତିବାଦ, ଦାରିଦ୍ରତା, ନିର୍ଯାତନା, ପଦବୀର ଅପବ୍ୟବହାର, ନାରୀ ଓ ଶିଶୁ ମାନଙ୍କ ପ୍ରତି ଶାରୀରିକ ଓ ଯୌନ ଅତ୍ୟାଚାର ଓ ଆହୁରି ଅନେକ ଧ୍ୱଂସଲିଳା ଆମ ଚତୁର୍ପାଶ୍ବରେ କଡି ସଦୃଶ ହୋଇଅଛି । ଗୋଟିଏ ରାଷ୍ଟ୍ର ରୂପେ ଆମର ଆହ୍ୱାନକୁ ସମ୍ପୂର୍ଣ କରିବାରେ ଏହା ବାଧା ଆଣିଅଛି ।

କେବଳ ଆମ ଦେଶ ନୁହେଁ ମାତ୍ର ଆମେ ଭାରତର ମଣ୍ଡଳୀ ଆମ ପାପ ହେତୁ ଭଗ୍ନ ହେବା ଆବଶ୍ୟକ । ଆମେ ଈଶ୍ୱରଙ୍କ ଅନୁଗ୍ରହ କୁ ଅନେକ ଦିନ ହେଲା ଅଣଦେଖା କରିଅଛୁ । ଆମକୁ ମନ ପରିବର୍ତ୍ତନର ଆବଶ୍ୟକତା ଅଛି । ପ୍ରଭୁଙ୍କ ସମ୍ମୁଖରେ ଉବୁଡ ହୋଇ ଓ ଆମ ପାପ ସ୍ୱୀକାର କରି ତାଙ୍କ କ୍ଷମା ଗ୍ରହଣ କରିବାର ଆବଶ୍ୟକତା ଅଛି । କାରଣ ଶାସ୍ତ୍ର କହେ , "ଯେ ଆପଣା ଅଧର୍ମ ଆଚ୍ଛାଦନ କରେ, ସେ ମଙ୍ଗଳ ପାଏ ନାହି, ମାତ୍ର ଯେଉଁ ଲୋକ ତାହା ସ୍ୱୀକାର କରି ଛାଡେ ସେ ଦୟା ପାଇବ । "

ଆମେ ନିଜକୁ ନମ୍ର କରିବା, ପ୍ରାର୍ଥନା କରିବା, ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରିବା ଏବଂ କୁପଥରୁ ଫେରିବାର ଆହ୍ୱାନ କେବଳ କୋଭିଦ-୧୯ ମହାମାରୀ ର ସମ୍ମୁଖୀନ ହେଉଥିବା ସମୟ ନିମନ୍ତେ ନୁହେଁ ମାତ୍ର ଏହା ଏକ ବିକଶିତ ରାଷ୍ଟ୍ର ଗଠନ ନିମନ୍ତେ ଈଶ୍ୱରଙ୍କ ଯୋଜନା ଅଟେ ।

ରାଜନୈତିକ ପ୍ରକ୍ରିୟା, ଶିକ୍ଷାଗତ ସୁବିଧା, ଶିଳ୍ପବିଜ୍ଞାନରେ ଉନ୍ନତି ଓ ନାଗରିକ ମାନଙ୍କ ନିସ୍ୱାର୍ଥ ସେବା ଆମ ଦେଶର ଉନ୍ନତି ନିମନ୍ତେ ଗୁରୁତ୍ୱ ପୂର୍ଣା ଅଟେ । କିନ୍ତୁ ଏସମସ୍ତ କେବଳ ଆମ ବିଶ୍ୱର ସମସ୍ୟାର ସମାଧାନ କରିପାରିବ ନାହି । ଆମେ ଦେଶର ସୁସ୍ଥତା ନିମନ୍ତେ ଈଶ୍ୱରଙ୍କୁ ଆବଶ୍ୟକ୍ କରୁ ।

ହଁ, କିନ୍ତୁ ଏହା ଅଭିହିତ କରାଯାଇପାରେ ଯେ, ଲୋକମାନେ ନମ୍ର ହୋଇ ପ୍ରାର୍ଥନା କରନ୍ତୁ ବା ନ କରନ୍ତୁ ଉତ୍ତମ ଦିନ ନିଶ୍ଚୟ ଆସିବ । ଏହା ଘଟିପାରେ । କିନ୍ତୁ ନୈତିକ କ୍ଷତି କେବେ ଭରଣା କରାଯାଇପାରିବ ନାହି । ଏହା ନୈତିକ ବୋଧକୁ ଦହରା କରିପାରେ, ଜାତୀୟ ବିବେଚନାକୁ ନିସ୍ତେଜ କରିପାରେ ଓ ଈଶ୍ୱର ଯେଉଁ ଆଶୀର୍ବାଦ ଢାଳିବା ପାଇଁ ଇଚ୍ଛା କରିଥିବେ ତାହା ହରେଇପାରେ ।

ତେବେ ଆମେ କିପରି ଫେରିବା, ଆମେ କଣ କରିବା, ଆମେ କେଉଁ ସ୍ଥାନରୁ ଆରମ୍ଭ କରିବା?

ଏହା ଆମ ପ୍ରତେକଙ୍କଠାରୁ ଆରମ୍ଭ ହୁଏ । ଆମେ ଅନ୍ୟକୁ ଈଶ୍ୱରଙ୍କ ପ୍ରତି ଫେରିବା ପ୍ରତି ଦୃଷ୍ଟି ନ ଦେଉଁ। ଏହା ମୋ ଠାରୁ ଆରମ୍ଭ ହେଉ, ଏହା ଆପଣଙ୍କ ଠାରୁ ଆରମ୍ଭ ହେଉ। ଆମେ କେବଳ ଶ୍ରୋତାମାତ୍ର ନ ହୋଇ କର୍ମକାରୀ ହେଉ । ଯେହେତୁ ଆମେ ଯଦି ନିଜକୁ ନମ୍ର କରି ପ୍ରାର୍ଥନା କରିବା ଓ ଈଶ୍ୱରଙ୍କ ମୁଖ ଅନ୍ୱେଷଣ କରିବା ପୁଣି ଆପଣା କୁପଥରୁ ଫେରିବା, ଈଶ୍ୱର ଆମ ଦେଶକୁ ସୁସ୍ଥ କରିବେ । ଆମକୁ ମନୋନୀତ କରିବାକୁ ହେବ । ଆମେ ସମସ୍ତେ ଘଟିବାକୁ ଯାଉଥିବା ପରିସ୍ଥିତି ନିମନ୍ତେ ମୂଲ୍ୟ ଦେବାକୁ ଇଚ୍ଛାପ୍ରକାଶ କରୁ ।

ଈଶ୍ୱର ଭାରତକୁ ଆଶୀର୍ବାଦ କରନ୍ତୁ; ଈଶ୍ୱର ମଣ୍ଡଳୀକୁ ଆଶୀର୍ବାଦ କରନ୍ତୁ; ଈଶ୍ୱର ଆପଣଙ୍କୁ ଆଶୀର୍ବାଦ କରନ୍ତୁ ।